# ଧୂଳିଆବାବା

ଦେଗାଁର ହନୁମାନଜୀ ପ୍ରତ୍ୟକ୍ଷ ଦବେତା । ସେ ତ କିଛି ଆଜିକାଲିକା କଳିଯୁଗର ଦେବତା ନୁହନ୍ତି, ସତ୍ୟଯୁଗରୁ ବିରାଜୁଛନ୍ତି । ମହନ୍ତ ମହାରାଜାଙ୍କ ନାମ ହନୁମାନ ଦାସ । ତାଙ୍କରବି ସେହିପରି ମହିମା । ବଡ଼ ବଚନସିଦ୍ଧ ପୁରୁଷ ଥିଲେ । ଯାହାକୁ ଯାହା ଆଜ୍ଞା କରୁଥିଲେ, ତୁରନ୍ତ ଫଳିଯାଉଥିଲା । ତାଙ୍କ ମହିମା ପୃଥିବୀଯାକ ଜାରୀ । ନାଗପୁର ମରହଟ୍ଟା ଫୌଜଦାର ସବୁ କଥା ଶୁଣିପାରି ତାଙ୍କୁ ଦର୍ଶନ କରିବାକୁ ଅଇଲା । ସକାଳଓଳିଆ ମହନ୍ତ ମହାରାଜ ଗୋଟାଏ କାନ୍ଥଡ଼ା ଉପରେ ବସି ଗଞ୍ଜେଇ ଟିପୁଥିଲେ । ଦୂରକୁ ଅନାଇ ଦେଲେ ଯେ ଗୋଟାଏ ଖୁବ୍ ବଡ଼ ଦନ୍ତାହାତୀ ଉପରେ ଅମାରି କସା, ତା ଉପରେ ପାଟଛତା ଉଡୁଛି, ଫୌଜଦାର ତା ଉପରେ ବସି ଆସୁଛି । ମହନ୍ତ ମହାରାଜ ଖାଲି ଏତିକି କହିଲେ, ହଁ - ଚେଲ୍ ବାବା କାନ୍ଥଡ଼ା ଚେଲ୍ । ଆଉ କ' ଣ କାନ୍ଥଡ଼ା ରହିପାରେ, ଚାଲିଲା । ତେଣୁ ଆସୁଛି ହାତୀ, ଏଣୁ ଯାଉଛି କାନ୍ଥଡ଼ା, ଅଧବାଟରେ ଭେଟାଭେଟି ! ଫୌଜଦାର ଯିମିତି ଅନାଇ ଦେଇଛି ଆଉ କଣ ହାତୀରେ ବସିପାରେ । ଖପ୍‌କରି ହାତୀରୁ ଡେଇଁପଡ଼ି ଲମ୍ ଲମ୍ ଗୋଡ଼ତଳେ ପଡ଼ିଗଲା । ମହନ୍ତ ମହାରାଜ କଲ୍ୟାଣ କଲେ, ଜୀତେରହୋ - ଜୀତେରହୋ ବଚ୍ଚା, ଉଠ - ଉଠ । ଫୌଜଦାର ଯିମିତି ଉଠିଛି, ସାଙ୍ଗେ ସାଙ୍ଗେ ତମ୍ବା ପାଟିଆରେ ବାରବାଟୀ ଜମି ଅକରା ସନନ୍ଦ କରିଦେଲା । ଏହି ମହନ୍ତ ଗାଦିରେ ବସିଥିଲେ - ବାରଶ ବାର ବରଷ ବାର ମାସ ବାର ଦିନ । ସେ ତ ଇଚ୍ଛାମୟ ପୁରୁଷ, ଆଉ ପୃଥିବୀରେ ରହିବାକୁ ମନ ବଳିଲା ନାହିଁ । ଅଯୋଧ୍ୟାକୁ ଖବର ଗଲା । ହନୁମାନ ଗାଦିରୁ ଜଣେ ଚେଲା ଆସିଲେ । ୟାଙ୍କ ହାତରେ ଗାଦି ଦେଇ ସ୍ୱର୍ଗକୁ ଚାଲିଗଲେ । ଏ ଚେଲାଙ୍କ ନାମ ମର୍କଟ ଦାସ ମହନ୍ତ ମହାରାଜ । ଗାଦିର ମହିମା - ଏ ମହନ୍ତ ବି ସେହିପରି । ୟାଙ୍କ ସମୟରେ ପଡ଼ିଲା ଫିରିଙ୍ଗୀ ଅମଳ ଜାରୀ । କଟକ ସାହେବ କହିଲା, କ୍ୟା - ହିନ୍ଦୁ ଫକିରଟା ଖଜଣା ନ ଦେଇ କେଉଁ ଏତେଗୁଡ଼ାଏ ଜମି ମାହାଳିଆ ଖାଏଗା ? ବୋଲାଓ ଉସ୍କୁ ହାମ୍ ଦେଖେଙ୍ଗା । ପରବାନା ପାଇ ମହନ୍ତ ଘୋଡ଼ାରେ ଚଢ଼ି ବାହାରିଲେ । ଆଗରେ ବାନା ବୈରଖ ଉଡୁଛି, ହରିବୋଲ ପଡୁଛି, କୀର୍ତ୍ତନ ଲାଗିଛି, ଯାଇ ବିଜେ ହୋଇଗଲେ ମହାନଦୀ କୂଳରେ । ଭୋଦୁଅ ମାସିଆ ଦିନ - ମହାନଦୀ ଏକୂଳ ସେକୂଳ ଖାଉଛି । ବର୍ଷା ତୋଫାନ ବୋଲେ ମୁହିଁ - ନାଉରି କହିଲା, ନାଆ ଫିଟାଇବ ନାହିଁ । ପାରି ହେଉଛନ୍ତି କିମିତି ? ମହନ୍ତ ମହାରାଜ ଆଜ୍ଞା କଲେ, ପରବା ନାହିଁ । କାଖରେ ଯେ ବାଘଛାଲ ଥିଲା, ପାଣିରେ ପାରି ଦେଲେ - ଆପେ ବିଜେ ହୋଇଗଲେ, ଅଧିକାରୀ ଟହଲିଆ ସୁଆର ଚଳିବା ଲୋକଙ୍କୁ ପାଖରେ ବସାଇ ନେଲେ । ଜଣେ ଛତିଆ ମହନ୍ତଙ୍କ ମୁଣ୍ଡ ଉପରେ ପାଟଛତି ଟେକିଥାଏ । ଦୁଇ ଜଣ ବାହିଆ ଛାଲ ବାହି ଯାଉଥାନ୍ତି । ଏଣେ ମହାନଦୀ ଆରକୂଳରେ ସାହେବ ରାଉଟି ପକାଇ ବସିଥିଲେ । ଦୂରବୀନରେ ଚାହିଁଦେଲା, ପାଖ ଲୋକଙ୍କୁ ପଚାରିଲା, ଏ କ୍ୟା ? ଲୋକେ କହିଲେ, ହିନ୍ଦୁ ଫକିର ବିଜେ ହୋଇ ଆସୁଛନ୍ତି । ସାହେବ ଆଉ କଣ ଚୌକିରେ ବସିବ - ନଈକୂଳକୁ ଧାଇଁ ଆଇଲା । ମୁଣ୍ଡରୁ ଟୋପି ତଳେ ରଖି ତିନି ସଲାମ କଲା । କହିଲା - ଯାଓ ଫକିର ! ତୁମାରା ଜମିନ ବାହାଲ । ଏ ମହନ୍ତ ଦେଢ଼ହଜାର ବର୍ଷ ଗାଦିରେ ବସିଥିଲେ । ତାଙ୍କର ଉତ୍ତାରେ ଗାଦିରେ ବସିଲେ ଜମ୍ବୁବାନ ମହନ୍ତ ମହାରାଜ । ମନ୍ଦିର ପଛପଟରେ ଯେଉଁ ଦି ଫାଙ୍କୁଡ଼ିଆ ବୁଢ଼ା ସାହାଡ଼ା ଗଛ ଦେଖୁଛ, ଏଟା କଣ ଜାଣ ? ମହନ୍ତ ଦିନେ ସାହାଡ଼ା ଦାନ୍ତକାଠିରେ ଦାନ୍ତ ଘଷୁଥିଲେ । କାଠିଖଣ୍ଡ ଦାନ୍ତରେ ଚିରି ଜିଭ ଛେଲିପକାଇ ଦୁଇ ଖଣ୍ଡ କାଠି ଯୋଡ଼ି ମାଟିରେ ପୋତିଦେଲେ । ତା ଉପରେ ଯେମିତି ଟୋପାଏ ପାଣି ପକାଇଛନ୍ତି, ସିମିତି ଗଜେଇ ଗଲା । ଏଇଟା ସେଇ ଗଛ । ବର୍ତ୍ତମାନ ମହନ୍ତଙ୍କ ନାମ ବାନ୍ଦର ଦାସ ମହନ୍ତ ମହାରାଜ । ଏପରି ପୁରୁଷ କାହିଁ ଦେଖା ନାହିଁ, ନ ଥିବ । ପଞ୍ଝହତା ମର୍ଦ୍ଦ, ଗାଲ ଓଠ ଛାତିରେ ଲାଗିଯାଇଛି, ବେକ ଦିଶେ ନାହିଁ । ବାହୁ ଆଉ ଲୋକଙ୍କ ଜଙ୍ଘ ପରି, ମୋଟା ପେଟଟି ଗୋଟିଏ ଦଶନୌତିଆ ଘୁମ । ଅଜଣା ଲୋକ ଦେଖି କହିବେ, ମହନ୍ତ ଲଙ୍ଗଳା । ନାହିଁ ନାହିଁ - ଚାଖଣ୍ଡେ ଚୌଡ଼ା ଦେଢ଼ ହାତ ଲମ୍ବ ଖଣ୍ଡେ କନା କୌପୀନ ମାରିଥାଆନ୍ତି । ଜଙ୍ଘକୁ ଜଙ୍ଘ ଲାଗିଯାଇଛି - ପେଟଟି ଝୁଲିପଡ଼ିଛି, କୌପୀନ ଦିଶେ ନାହିଁ । ଏ ମହନ୍ତଙ୍କର ବି ମହିମା ଅପାର । ମନ୍ଦିରରେ ଏତେ

ଖଟ ପଲଙ୍କ, କାହିଁରେ ଶୋଇବେ ନାହିଁ, ସବୁବେଳେ ଧୂଳିରେ ଗଡୁଥାନ୍ତି । ଦେହଯାକ ଧୂଳିଧୂସର । ସ୍ନାନ କେବେ କରନ୍ତି ନାହିଁ, ପାଣି ଛୁଅଁନ୍ତି ନାହିଁ । ଏଥିପାଇଁ ଲୋକମାନେ ମହନ୍ତ ମହାରାଜଙ୍କୁ ଧୂଳିଆବାବା ବୋଲି ଡାକନ୍ତି । ମନ୍ଦିରରେ ଏତେ ଧନଦୌଲତ, ଏତେ ପିଠା ଖଜା, କିଛି ଛୁଇଁବେ ନାହିଁ । ଦଶ ସେର ନିରୁତା ଦୁଧ ଆଉଟି ଆଉଟି ପାଞ୍ଚସେର ରହିବ - ଅଳତା ଫଡ଼ା ପରି ଉପରେ ସର ପଡ଼ିବ - ଦି' ପହର ଧୂପରେ ଠାକୁରଙ୍କ କତିରେ ଭୋଗ ଲାଗେ - ମହନ୍ତ ମହାରାଜ ତେତିକି ସେବା କରନ୍ତି । ଆଉ ତୋଳାଏ ଆପୁ, ପାଏ ଗଞ୍ଜେଇ ଖଞ୍ଜା । ଦିନରାତି ଗଞ୍ଜେଇ ଚିଲମ ହାତରୁ ଛୁଟଣ ନ ଥାଏ । ଆଖି ଯୋଡ଼ିକ ସାନ ସାନ ସିନ୍ଦୂରବିନ୍ଦୁ ପରି ଲାଲ । ସବୁବେଳେ ମିଞ୍ଜିମିଞ୍ଜି କରି ଚାହାନ୍ତି । ତାଙ୍କ ଗଞ୍ଜେଇ ଚିଲମଟା ହାତେ ଲମ୍ବ । ଦଶ ପନ୍ଦର ଜଣ ଭଗତ-ଚେଲା ସବୁବେଳେ ବେଢ଼ି ବସିଥାନ୍ତି । ଗଞ୍ଜେଇଟିପା କାମ ପାଞ୍ଚ ଛ' ଜଣଙ୍କ ହାତରେ ଲାଗିଥାଏ । ମନ୍ଦିରରୁ ପ୍ରସାଦ ସେବାକରି ସବୁବେଳେ ଏମାନେ ପାଖରେ ହାଜର ।

ଆଗ ଆଗ ମହନ୍ତ ମହାରାଜଙ୍କ ମହିମା କଥା ଦେଶ ଲୋକଙ୍କୁ ଜଣା । ପୁଣି ସେ ସବୁକଥା ଭୂର୍ଜପତ୍ରରେ ଦେବନାଗର ଅକ୍ଷରରେ ରକ୍ତଚନ୍ଦନରେ ଲେଖା ହୋଇ ଦେଉଙ୍କ ସିଂହାସନ ତଳେ ଅଛି । ଏ ଧୂଳିଆବାବା ସେସବୁ ପଢ଼ିଆସି ବିଶ୍ୱାସୀ ଭକ୍ତମାନଙ୍କ ପାଖରେ ଗୋପନରେ କହନ୍ତି । କେହି କେହି ଅବିଶ୍ୱାସୀ ଭକ୍ତ ଲୋକଙ୍କ ପାଖରେ ପ୍ରକାଶ କରି ପକାଏ ।

ଧୂଳିଆବାବା ସବୁଦିନେ ଚେଲାମାନଙ୍କ ଆଗରେ କହନ୍ତି, ଏହି ପୁରୀରେ ଯେ ଜଗନ୍ନାଥ ଦେଉଳ ଦେଖୁଛ, ତିଆରି ହେଲା ବାଦ ପ୍ରତିଷ୍ଠାକୁ ଅଯୋଧ୍ୟାରୁ ହଜାରେ ଆଠ ମୂରତି ସାଧୁ-ମହନ୍ତ ଭୋଜି ଖାଇବାକୁ ଆସିଥିଲେ । ଏ ବି ସେମାନଙ୍କ ମଧ୍ୟରେ ଆସିଥିଲେ । ଚେଲାମାନଙ୍କ ଭକ୍ତି ଏଡ଼ି ନ ପାରି ରହିଯାଇଛନ୍ତି - ଆଉ ଏ ମିଛୁଆ ଦେଶଟା ଭଲ ଲାଗୁ ନାହିଁ । ଅଯୋଧ୍ୟା ହନୁମାନ ଗାଦିକୁ ଫେରିଯିବେ । ପ୍ରସାଦସେବାକାରୀ ଚେଲାମାନେ ଗୋଡ଼ତଳେ ପଡ଼ି ଗଡ଼ନ୍ତି । ସେମାନଙ୍କ ଉପରେ କୃପା କରି ଧୂଳିଆବାବା ରହିଯାଇଛନ୍ତି । ଏପରି ଘଟଣା ଶହକୁ ଶହ ଥର ହୋଇଗଲାଣି ।

ମହନ୍ତଙ୍କର ଧନଦୌଲତ ଅମାପ । ଗାଈ, ମଇଁଷି ପଲକୁ ପଲ । ଧାନ ଟଙ୍କାର ସୀମା ନାହିଁ । ଆୟ ଢେର୍ । ଆୟ ମଧ୍ୟରୁ ଗୋଟିଏ ବିଶେଷ ଆୟ ଏହି, ଦେଶ ମଧ୍ୟରେ ମାଲିମକଦ୍ଦମା ଉପସ୍ଥିତ ହେଲେ ମୁଦେଇ-ମୁଦାଲା ଦୁଇ ପକ୍ଷ ପ୍ରଭୁଙ୍କ ପାଖରେ ମନାସି ଯାନ୍ତି, ମାମଲା ଡିଗ୍ରୀ ହେଲେ କିଏ କେତେ ଟଙ୍କା ଦେବେ, ପାଞ୍ଜିଆ ଲେଖି ରଖେ । ଯାହାର ମାମଲା ଡିଗ୍ରୀ ହୁଏ ଜଣେ ସାଧୁଙ୍କୁ ପଠାଇ ତା' ଠାରୁ ଟଙ୍କା ଅସୁଲ କରାଯାଏ ।

ରାମସାଉ ଶାମସାଉ ଦୁଇ ଭାଇ । ଭାଇଭାଗ ବଣ୍ଟୁଆରା ପାଇଁ କଟକ ଅଦାଲତରେ ମକଦ୍ଦମା ଦାଏର ହେଲା । ରାମସାଉ ପ୍ରଭୁଙ୍କଠାରେ ମନାସିଗଲା, ମାମଲା ଡିଗ୍ରୀ ହେଲେ କେତେ ଟଙ୍କା ଦେବ, ପାଞ୍ଜିଆ ପାଖରେ ଲେଖିଦେଇଗଲା । ଶାମସାଉ ଆସେ ନାହିଁ । ବୁଝ-ବୁଝ, ଶାମା କ୍ୟାଁ ଅଇଲା ନାହିଁ । ଜଣେ ଚେଲା ବୁଝିଆସି ଜଣାଇଲା, "ପ୍ରଭୁ ! କଣ କହିବି - କହିବାକୁ ଡର ମାଡୁଛି - ଆଜ୍ଞା ଶାମାର ଏଡ଼େ ବହପ, ପାଞ୍ଚଜଣଙ୍କ ଆଗରେ ସାଫ୍ ଫିଟେଇ କହିଲା, କଳିକାଳରେ ମହନ୍ତଙ୍କ କରାମତ କାହିଁ ଯେ ମୁଁ ମନାସିବାକୁ ଯିବି ?" ମହନ୍ତ ତେତେବେଳେ ଗଞ୍ଜେଇ ଭିଡୁଥିଲେ । ରାଗରେ ଖୁବ୍ ବଳରେ ଚିଲମଟା ଭିଡ଼ି ନେଲେ - ଦପ୍‌କରି ଜଳିଉଠିଲା । ମହନ୍ତ ଅଳ୍ପ ଅଳ୍ପ ଭକ୍ ଭକ୍ କରି ପାଟିରୁ ଧୂଆଁ ଛାଡୁଥାନ୍ତି । କଥାଟା ଚିପି ଚିପି କହିଲେ, "ଦେଖ ଚେଲାମାନେ, ଆମେ ହୁକୁମ କରିବୁଁ, ଏହି ଚିଲିମ ନିଆଁ କଥା କହିବ ।" ଚେଲାମାନଙ୍କର ତ ଆନନ୍ଦର ସୀମା ନାହିଁ । ସେମାନଙ୍କର ଦୃଢ଼ବିଶ୍ୱାସ, ମହନ୍ତଙ୍କ ଆଜ୍ଞା ମେଣ୍ଟଣ ହେବାର ନୁହେଁ । ସେହିଦିନ ମଧ୍ୟରେ ଦେଶଯାକ ହାଟ ହୋଇଗଲା, "ଧୂଳିଆବାବାଙ୍କୁ ପ୍ରଭୁଙ୍କର ସ୍ୱପ୍ନ ହୋଇଛି, ସେ ସିଦ୍ଧପୁରୁଷ ହୋଇଗଲେଣି, ତାଙ୍କ ଗଞ୍ଜେଇ ଚିଲମ କଥା କହିବ ।" ଥୋକେ ଚେଲା ପ୍ରକାଶ କଲେ "ନାହିଁ ନାହିଁ - ଚିଲମ ନୁହେଁ, ଚିଲମ ନିଆଁ କଥା କହୁଛନ୍ତି - ଦଶଜଣଙ୍କୁ ଆଜ୍ଞା ହେଲା, ସେ ନିଜେ ଶୁଣିଆସିଲା ।" ଆଉ ଯାଏ କାହିଁ ? ତହିଁ ଆର ଦିନ ସକାଳୁ ସଞ୍ଜଯାଏ ଶହକୁ ଶହ ଲୋକ ଧାଇଁଛନ୍ତି । କାହାକୁ ବେମାରି ଛାଡୁ ନାହିଁ, କାହାର ବଳଦ ହଜିଛି ମିଳୁ ନାହିଁ, କାହାର ମାମଲା ଦାଏର ଡିଗ୍ରୀ ହେଉ । ଢେର୍ ଢେର୍ ତିରିଲା ପା' ପୂଜା ପଠାଇଛନ୍ତି,

ସେମାନଙ୍କର ପୁଅ ହେଉ ନାହିଁ, ଚିଲମ ପ୍ରଭୁ ବର ଦେଉନ୍ତୁ । ଲୋକେ ପାଦପୂଜା ଟଙ୍କା ଅଧୁଲି ସୁକୀ ମହନ୍ତଙ୍କ ପାଦତଳେ ଦେଇ ଅଧିା ପଡ଼ିଛନ୍ତି ।

ମହନ୍ତ ମହାରାଜା ଆଜ୍ଞା କଲେ, "ଉଠ ଉଠ ବାବାମାନେ ! ଆମେ କିଛି କହିବୁ ନାହିଁ । ଏହି ଯେ ଆମ୍ଭ ଗଞ୍ଜେଇ ଚିଲମରେ ଅଗ୍ନି ଦେଖୁଛ, ସେଥିରେ ଧୁନି ଥାପନା ହେବ । ସେହି ଧୁନିରେ ଅଗ୍ନିଦେବତା ବିଜେ କରିବେ; ସମସ୍ତଙ୍କ ଗୁହାରି ଶୁଣି ବର ଦେବେ । ଆସନ୍ତା ଅଗିରାପୂନେଇଁ ଦିନ ଅଗ୍ନିଦେବତା ସ୍ୱର୍ଗରୁ ବିଜେ ହୋଇ ପୃଥିବୀରେ ଭ୍ରମଣ କରିବେ । ଆମ୍ଭକୁ ସ୍ୱପ୍ନରେ ଆଜ୍ଞା କରିଛନ୍ତି, ଆମ୍ଭେ ଧୁନି ଥାପି ତାଙ୍କୁ ବିଜେ କରାଇ ରଖିବୁ । ଯାହାର ଯାହା ଗୁହାରି ଥିବ, ପୂଜା ଦେଇ ଜଣାଇଲେ ତତ୍‌କ୍ଷଣାତ୍ ବର ମିଳିଯିବ ।" ପୂଜାର ବିଧାନ ସମସ୍ତଙ୍କୁ ଶୁଣାଇ ଦେଲେ । ଧୁନିରେ ଶଏ ଆଠ ଆହୁତି ଦିଆଯିବ; ସେଥିସକାଶେ ଖଣ୍ଡିଏ ନବବସ୍ତ୍ର, ପାଞ୍ଚ ପା' ଘିଅ, ପଞ୍ଚୁବର୍ଣ୍ଣ ଭୋଗ, ପଞ୍ଚୁବର୍ଣ୍ଣ ପୁଷ୍ପ, ଗାଦି ପୂଜା ଦକ୍ଷିଣା ଯାହାର ଯାହା ଶକ୍ୟ; କିନ୍ତୁ ପାଞ୍ଚ ସୁକାରୁ ଊଣା ନୁହେଁ ।

ଅଗିରା ପୂର୍ଣ୍ଣିମା ଅଧରାତିଠାରୁ ଧୁନି ପୂଜା ଆରମ୍ଭ ହେଲା । ମହନ୍ତ ମହାରାଜ ଆହୁତି ଦେବାରୁ ଅଗ୍ନିଦେବତା ବିଜେ ହୋଇଗଲେ । ଧୂ-ଧୂ ହୋଇ ଜଳୁଛନ୍ତି । ଯାହାର ଯାହା ପ୍ରାର୍ଥନା, ହାତ ଯୋଡ଼ି ଜଣାଇଲେ ଧୁନି ଭିତରୁ ଅଗ୍ନିଦେବତା ଗମ୍ଭୀର ସ୍ୱରରେ "ହୁଁ-ନା ହେବ" ଏହିପରି ଆଜ୍ଞା କରୁଛନ୍ତି । ପ୍ରତ୍ୟକ୍ଷରେ ଅବିଶ୍ୱାସ କ' ଣ ? ଲୋକମାନେ ଶୁଣି ତାଟକା, ଭକ୍ତିରେ ଭୂଇଁରେ ପଡ଼ି ଗଡ଼ିଯାଉଛନ୍ତି । ହରିଧ୍ୱନିରେ ମଠ ଉଛୁଳି ପଡୁଛି ।

ଶ୍ୟାମ ସାଉ ସବୁ କଥା ଶୁଣିଲା । ଘର ମଧରେ ଡକାପାରି ମୁଣ୍ଡ ବାଡ଼େଇ ହେଉଛି । ଲୋକମାନେ ଧୁନି ପୂଜା କରି ବର ଘେନି ଯାଉଛନ୍ତି । ରାମଭାଇ ବି ପୂଜା ଦେଇ ବର ପାଇବ, ମୋହର ସର୍ବନାଶ ହେବ । ଇଜମାଲି ଧନ ଊଣା ନୁହେଁ, ଲକ୍ଷକରୁ ବଳିପଡ଼ିବ । ସବୁ ରାମାଭାଇ ଘେନିଯିବ । ମହନ୍ତ ମହାରାଜ ଖପା ହୋଇ ଆଜ୍ଞା କରିଛନ୍ତି, "ଆଚ୍ଛା ସେ ତେଲୀ ଟୋକାକୁ ଦେଖିବୁ ।" ଏ କଥା ଶୁଣିଲାବେଳୁ ଶାମାର ଫକାସି ଉଡ଼ିଲାଣି । କଣ କରିବ, ଭାଳୁ ଭାଳୁ ଗୋଟାଏ ବୁଦ୍ଧି ଦିଶିଗଲା । ମହନ୍ତ ମହାରାଜଙ୍କ ଗଞ୍ଜେଇ ପ୍ରସାଦ ସେବକମାନଙ୍କୁ ଯାଇଁ ଧଇଲା । କାହାକୁ ଦଶ, କାହାକୁ ପାଞ୍ଚ ଦେଇ ସମସ୍ତଙ୍କ ଗୋଡ଼ତଳେ ପଡ଼ିଲା । ସମସ୍ତେ ଅଭୟ ଦେଇ ମହନ୍ତଙ୍କ ଗୋଡ଼ତଳେ ପଡ଼ିବାକୁ ଉପଦେଶ ଦେଲେ ।

ବେଳ ଛ' ଘଡ଼ି । ସେବକମାନେ ବେଢ଼ି ବସିଛନ୍ତି । ମହନ୍ତ ଧୂଳିଟାରେ ବସି ଗଞ୍ଜେଇ ଭିଡୁଛନ୍ତି, ଜାଗାଟା ଧୂଆଁମୟ । ଶାମ ସାଉ ଛାତି ଦାଉଁ ଦାଉଁ ପଡୁଛି । ଡରି ଡରି ଯାଇ ମୁଠାଏ ଟଙ୍କା ପାଦପୂଜା ପାଇଁ ଝଣ କରି ମହନ୍ତଙ୍କ ପାଦତଳକୁ ଫୋପାଡ଼ି ଦେଇ ଲମ୍ବ ଲମ୍ବ ଗୋଡ଼ତଳେ ପଡ଼ିଗଲା । "ପ୍ରଭୁ ! ମୁଁ ପିଲା, ମୁଁ ମହାପାପୀ, ମୋ ଅପରାଧ କ୍ଷମା କରନ୍ତୁ ।" ମହନ୍ତ ଆଖିବୁଜି ବସି ଗଞ୍ଜେଇ ଭିଡୁଛନ୍ତି, କିଛି ଆଜ୍ଞା ହେଲା ନାହିଁ । ସମସ୍ତ ସେବକ ଏକାବେଳକେ ମହନ୍ତ ମହାରାଜଙ୍କ ଗୋଡ଼ତଳେ ପଡ଼ି ପ୍ରାର୍ଥନା କଲେ - "ହେ ମହାପ୍ରଭୁ ! ଆମ୍ଭେମାନେ ମହାପାପିଷ୍ଠ, ଅପରାଧୀ । ପ୍ରଭୁ କ୍ଷମା ନ କଲେ ଆଉ କିଏ ଜଗତରେ ଅଛି ?" ଦୟାମୟ ପ୍ରଭୁ ଏକାବେଳକେ ଆଜ୍ଞା କଲେ, "ଯାଓ ବେଟା, ପୂଜା ଲେଆଓ ।" ଶାମସାଉର ଆନନ୍ଦର ସୀମା ନାହିଁ, ପୂଜା ଆୟୋଜନରେ ଧାଇଁଛି । ଯେଡ଼େ ମହାଜନ, ପୂଜା ଆୟୋଜନ ସେହିପରି । ଘିଅ ପାଞ୍ଚ ପାଆ ଜାଗାରେ ପାଞ୍ଚ ସେର, ଆଉ ଆଉ ସରଞ୍ଜାମ ତା ମାଫିକେ । ସମସ୍ତେ ଖଣ୍ଡେ ଖଣ୍ଡେ ସୂତା ଶାଢ଼ି ଆହୁତି ଦିଅନ୍ତି । ଶାମସାଉ କୁମ୍ଭକର୍ଣ୍ଣୀ କିନାରି ସଜା ଜରିମୁହୁଣ୍ଡା ଖଣ୍ଡେ ବରମପୁରୀ ପାଟଶାଢ଼ି ଆହୁତି ଦେବା ଲାଗି ଆଣିଛି । ଶାମସାଉର ଭାରି ବଡ଼ ପୂଜା ହେବ, ଗାଁରେ ବି ସେ ଦୁଇ ଭାଇ ବଡ଼ ଟାଣୁଆ ମହାଜନ । ଅଗ୍ନିଦେବ ତାକୁ ବର ଦେବେ, ଶୁଣିବାପାଇଁ ଆଖପାଖ ପାଞ୍ଚଖଣ୍ଡ ଗାଁରୁ ମଣିଷ ଧାଇଁଛନ୍ତି । ଊଣାଅଧିକ ପାଞ୍ଚ ଶହ ଲୋକ ଜମା ହୋଇ ଗଲେଣି । ବେଢ଼ା ଭିତରେ ଜାଗା ନାହିଁ ।

ମନ୍ଦିରବେଢ଼ା ପାଚେରିଲଗା ଧାଡ଼ିଏ ଘର ଅଛି । ଗୋଟାଏ ଘରେ ମେଳା ମଉଛବରେ ପିଠାଖଜା ତିଆରି ହୁଏ । ତା ପାଖଟା ସରଘର । ସେହି ପିଠାତିଆରି ଘରେ ଧୁନି ଥାପନା ହୋଇଛନ୍ତି । ରାତି ଛ' ଘଡ଼ି ସମୟରେ ମହନ୍ତ ମହାରାଜ ମନ୍ଦିର

ପାଖ ଗମ୍ଭୀରିରୁ ବାହାରିଲେ । ଆଜି ପ୍ରଭୁଙ୍କ ମନରେ ଭାରି ଆନନ୍ଦ । ଅନେକ ଟଙ୍କା ରୋଜଗାର ମାମଲା । ତୋଳାଏ ଆପୁ ଉପରେ ସଞ୍ଜବେଳେ ଆହୁରି ତୋଳାଏ ପକାଇଛନ୍ତି । ଗଞ୍ଜେଇ ବି ବେଶି କରି ଭିଡ଼ିଛନ୍ତି । ଚାଲିଲାବେଳେ ଗୋଡ଼ ଟଳିଯାଉଛି, ଚାରିଜଣ ଚେଲା ଧରାଧରି କରି ନେଉଛନ୍ତି । ମହନ୍ତବାବାଙ୍କୁ ଦର୍ଶନ କରି ସମସ୍ତ ଦେଖଣାହାରୀ ହରିବୋଲ ପକାଇ ଗୋଡ଼ତଳେ ପଡ଼ିଗଲେ । ପୂଜା ଆରମ୍ଭ ହେଲା । ପାଞ୍ଚ ସେର ଘିଅ ଆହୁତି, ଖୁବ୍ ମୋଟା ମୋଟା ଢେର୍ ଗୁଡ଼ାଏ କାଠ ଧୁନିରେ ଲଦିଦେଲେ । ଆହୁତି ପାଇ ଚାରିହାତ ଉଚ୍ଚ ଶିଖା ଟେକି ନିଆଁ ଧୂ ଧୂ ଜଳୁଛି । ଘର ଭିତରେ ମହନ୍ତ ଏକାକୀ । ପ୍ରଭୁଙ୍କର ସେହିପରି ମହିମା, ନୋହିଲେ ନିଆଁ ତେଜରେ ଆଉ କିଏସେ ପଶିପାରିବ ? ଶାମସାଉ ବେକରେ ପଟକା ପକାଇ ହାତ ଯୋଡ଼ି ଦୁଆରବନ୍ଧ ବାହାରେ ଛିଡ଼ା ହୋଇ ଧୁନି ମହାପ୍ରଭୁଙ୍କୁ ଅନାଇ ପ୍ରାର୍ଥନା କରୁଛି । ମହନ୍ତ ଆଖି ବୁଜି ଖୁବ୍ ପାଟିକରି ପ୍ରାର୍ଥନା କଲେ, 'ଧୁନିଜୀ!  ଶାମା ବେଟାକୁ ବର ଦିଅ - ବର ଦିଅ - ବର ଦିଅ, ତା ମାମଲା ଫତେ ହେଉ ।"  ଧୁନି କିଛି ଜବାବ୍ ଦେଲେ ନାହିଁ । ମହନ୍ତ ଆପଣାର କରାମତ ଲୋକଙ୍କୁ ଦେଖେଇବା ପାଇଁ ଛିଡ଼ା ହୋଇଗଲେ । ହାତରେ ଯେଉଁ ଦଶସେରିଆ ଲୁହାଚିମୁଟା ଥିଲା, ଖୁବ୍ ବଳରେ ପାହାରେ ବାଡ଼େଇଲେ । ଭୁସ୍ କରି ଭାରି ଗୋଟାଏ ଶବ୍ଦ ହେଲା । ଶାମସାଉ ଚମକିପଡ଼ି ଅନାଇଲା, ଘର ଭିତରେ ଛାତିଏ ଗହୀର ଗୋଟାଏ ଗାତ । ଗାତ ଅଧାଅଧି ପୂରି ନିଆଁ ଜଳୁଛି, ତା ମଧ୍ୟରେ ଦୁଇଜଣ ଲୋକ ଭାରି ଗୋଟାଏ ଧରାପରା ଲାଗିଛନ୍ତି । ଶାମ ପ୍ରଥମରେ କିଛି ବୁଝିପାରିଲା ନାହିଁ । ମୁହୂର୍ତ୍ତକ ବାଦ୍ ଭକ୍ତିବଳରେ ବୁଝିଗଲା, ଧୁନିଦେବତା ଦେହ ଧରି ବିରାଜମାନ ହୋଇଗଲେଣି, ମହନ୍ତଙ୍କ ସଙ୍ଗରେ କୋଳାକୋଳି କରୁଛନ୍ତି । ତାହାର ଭାଗ୍ୟ ଫିଟିଲା, ବର ମିଳିଯିବ । ମୁହୂର୍ତ୍ତକ ମଧ୍ୟରେ ଏତେ କଥା ବୁଝିନେଲା । ଖୁବ୍ ପାଟି କରି ହରିବୋଲ ପକାଇ କହିଲା, ଧୁନି ଦେବତା ରୂପ ଧରି ବିଜେ ହେଲେଣି । ଯେତେ ଲୋକ ଥିଲେ, ଆନନ୍ଦରେ ହରିବୋଲ ପକାଉଛନ୍ତି । ମନ୍ଦିରରୁ ଘଣ୍ଟ କାହାଳୀ ଝାଞ୍ଜ ବାଜୁଛି । ସମୁଦ୍ର ଗର୍ଜନ ପରି ଶବ୍ଦ ଉଠୁଛି । ଅଗ୍ନିଦେବତାଙ୍କୁ ଦର୍ଶନ କରିବାକୁ ଲୋକେ ଧାଇଁଲେ । ଗୋଟିଏ ବୋଲି ଦୁଆର, ଘର ଭିତରଟା ଧୂଆଁରେ ପୂରିଛି । ଦୁଆର ପାଖରେ ଧରାପରା ହୋଇ କେତେ ଲୋକ ମଡ଼ାଦଳାରେ ଆଣ୍ଠୁଗଣ୍ଠି ଛିଡ଼ି ଘାଉଲା ହୋଇଗଲାଣି ।

ପହରେ ବିତିଗଲାଣି । ଲୋକେ ନାଚିକୁଦି ହରିବୋଲ ଦେଇ ହାଲିଆ ହୋଇ ପଡ଼ିଲେଣି । ଏ କ' ଣ ? ମଡ଼ାପୋଡ଼ାର ଉତ୍କଟ ଗନ୍ଧ । ଲୋକ ନାକରେ ଲୁଗା ଜାକୁଛନ୍ତି । କେତେଜଣ ଜଣାଶୁଣା ଲୋକ ଦୁଆର ପାଖକୁ ଯାଇ ଭଲକରି ଅନାଇଲେ - ଆରେ ମହନ୍ତ ମହାରାଜ ପୋଡ଼ି ମଲେଣିରେ ! ବାଜେ ଲୋକେ ବୁଝିଲେ, ଅଗ୍ନିଦେବତା ବିଜେ ହୋଇ ମହନ୍ତବାବାଙ୍କୁ ଖାଇଗଲେଣି - କାଳେ ଧାଇଁଆସି ଆଉ ସମସ୍ତଙ୍କୁ ଖାଇଯିବେ । ପଳା - ପଳା - ପଳା ! ପଡ଼ିଉଠି ଗୋଟାକ ଉପରେ ଗୋଟାଏ ପଡ଼ି ଧାଇଁଛନ୍ତି । ଶେଷକୁ ମନ୍ଦିରର ପୂଜାରୀ ଟହଲିଆ ଚାକରମାନେ ବି ଛାଡ଼ି ପଳାଇଲେଣି । ଦଣ୍ଡକ ମଧ୍ୟରେ ଏଡ଼େ ମନ୍ଦିରଟା ନିଶୂନ । ଖାଲି ଧୁନି ଘରୁ ପଡ଼୍‌ପଡ଼୍ ଶବ୍ଦ ଶୁଭୁଛି, ଦୁର୍ଗନ୍ଧ ବାହାରୁଛି ।

ଦେଗାଁ ପାଖକୁ ଗୋପାଳପୁର ସରକାରୀ ଥାନା ପୂରା ଅଢ଼େଇକୋଶ ବାଟ । ସଖାଳୁ ସଖାଳୁ ସେଠାରେ ଖବର ପହଞ୍ଚିଗଲା । ଦାରୋଗା ସାହେବ ପାଞ୍ଚ ଛ'  ଜଣ ବରକନ୍ଦାଜ, ଆଠ ଦଶ ଚୌକିଦାର ଧରି ଧାଇଁଲେ । (ଢେର୍ ଦିନ ତଳ କଥା । ତେତେବେଳେ କନେଷ୍ଟବଳ ନ ଥିଲେ ।) ଦାରୋଗା ପହଞ୍ଚି ଦେଖିଲେ, ମନ୍ଦିର ତ ମନ୍ଦିର, ଗାଁ ଗୋଟାରେ ଜଣେ ମଣିଷ ବି ନାହିଁ । ସମସ୍ତଙ୍କ ଘରେ ତାଟି କବାଟ ବନ୍ଦ ।

ଚଉକିଆମାନେ ବହୁତ ଡକାହକା କରିବାରେ ଭିତରୁ ମାଇକିନିଆମାନେ ଜବାବ ଦେଲେ, ପୁରୁଷ କେହି ଘରେ ନାହିଁ । କେହି ଯାଇଛି ଗୋରୁ ଖୋଜି, କେହି ଯାଇଛି କୁଣୁଆଘର, କେହି ଜାତିଆଣ ଭୋଜି ଖାଇ, ଢେର୍ ଲୋକ ଯାଇଛନ୍ତି କଟକ ମାମଲାରେ । ବହୁତ ଖୋଜ ତଲାସରେ ମନ୍ଦିର ପୂଜାରୀ ଆଉ କେତେଜଣ ଚାକର ବାହାରିଲେ । ଦାରୋଗା ସରଜମିନ ତଦାରଖ କରି ବୁଝିଲେ ଯେ, ସର ଘର ଭିତରୁ ଧୁନି ମଝିଯାଏ ମନୁଷ୍ୟ ଗୋଟାଏ ଗଳିଯିବା ଭଳି ବିଳ ଖୋଳାଯାଇଛି । ଧୁନି ତଳେ ଅଢ଼େଇ ଅଢ଼େଇ ହାତ ଲମ୍ବ ଚଉଡ଼ା, ଅଢ଼େଇ ହାତ ଗହୀର ଗୋଟାଏ ଗହିଡ଼ା ଖୋଳା ହୋଇଛି । ତା'  ଉପରେ

ତାଖଣ୍ଡେ ମୋଟା ମାତ୍ର ମାଟି ଅଛି । ସେହି ମାଟି ଉପରେ ଧୁନି ଜଳେ । ସେ ଘର ଭିତରୁ ବିଲ ବାଟରେ ମଣିଷ ଗଳି ଆସି ଧୁନି ତଳେ ବସିଥାଏ । ମହନ୍ତ କିଛି ପଚାରିଲେ ଲୋକଟା ଭିତରୁ ଜବାବ ଦିଏ । ଘଟଣା ରାତ୍ରରେ ଗଞ୍ଜୋଡ଼ ଚେଲା ଧୁନି ତଳେ ବସିଥିଲା, ତା ନାମ ହୁଣ୍ଡା ଦାସ । ସେଦିନ ମହନ୍ତଙ୍କର ଭାରି ନିଶାରେ ଜ୍ଞାନ ଲୋପ ହୋଇଥିଲା । ଲାସ ଭାରି ମଣିଷ । ଭାରୀ ଚିମୁଟାରେ ଖୁବ୍ ବଳରେ ପାହାରେ ମାରିବାରୁ ଉପର ମାଟି ଆଉ ନିଆଁ ସବୁ ଗାତରେ ପଡ଼ିଗଲା । ଦୁଇଟା ଲୋକ ଧରାପରା ହୋଇ ପୋଡ଼ି ମଲେ । ବାହାରେ ବଡ଼ ଗୋଳମାଳ ହେଉଥିବାରୁ ସେମାନଙ୍କ ଆକୁଳ ଚିତ୍କାର କେହି ଶୁଣିପାରିଲେ ନାହିଁ ।

ଦାରୋଗା ସାହେବ ରିପୋର୍ଟ ଲେଖି ମଇନା ସକାଶେ ଅଧାପୋଡ଼ା ଲାସଯୋଡ଼ାକ ସହରକୁ ପଠାଇଦେଲେ ।